## ସିଂହାସନୀଙ୍କ ଦର୍ଶନ ଲାଗି ମିଳିଲା ଅନୁମତି

ପୋଲସରା,(ଡି.ଏନ.ଏ.):ପୋଲସରା ବ୍ଲକ କଷିପଡ଼ା ସ୍ଥିତ ମା’ ସିଂହାସନୀ ଶକ୍ତିପୀଠ ସୋମବାରଠୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲା ହୋଇଛି। ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିର ଆଲୋଚନା ପରେ ମନ୍ଦିର ଖୋଲାଯିବା ନିଷ୍ପତ୍ତି ନିଆଯାଇଛି। କିନ୍ତୁ ମନ୍ଦିର ଭିତରକୁ ବିନା ମାସ୍କରେ ପ୍ରବେଶ ନିଷେଧ କରାଯାଇଥିବା ବେଳେ ମନ୍ଦିର ପରିସରରେ ଭୋଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। କେବଳ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିପାରିବେ। ଠାକୁର ଦର୍ଶନ ଲାଗି ଅନୁମତି ମିଳିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।। କୋଭିଡ ନିୟମାନୁସାରେ ଲୋକଙ୍କୁ ଦର୍ଶନ କରିବାକୁ ପଡ଼ିବ ବୋଲି ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ରଘୁନାଥ ସାହୁ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ସମ୍ବର୍ଦ୍ଧିତ ହେଲେ କରୋନା ଯୋଦ୍ଧା

କବିସୂର୍ଯ୍ୟନଗର,୧୭।୮: କବିସୂର୍ଯ୍ୟ ପ୍ରତିଭା ପରିଷଦ ପକ୍ଷରୁ ମଙ୍ଗଳବାର ୨ ଜଣ କରୋନ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମଧୁସୂଦନ ପାତ୍ର ଓ ଏଏନ୍‌ଏମ ଶାନ୍ତିଲତା ପାଇକ। କରୋନା କାଳରେ ଉଭୟ ଦେବଦୁତ ଭଳି ମାନବ ସେବା କରି ଆସଥିବାରୁ ସେମାନଙ୍କୁ ଯୋଦ୍ଧା ଭାବେ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରତିଭା ପରିଷଦର ସଭାପତି ବି.ଚିରଞ୍ଜିବି ପାତ୍ର, ସମ୍ପାଦକ ରାମନାଥ ମାଝି, କୋଷାଧ୍ୟକ୍ଷ ବିପିନ ବିହାରୀ ଶତପଥୀ, ଉପସଭାପତି ସୁବାସ ଚନ୍ଦ୍ର ତ୍ରିପାଠୀ, ସଦସ୍ୟ ଗଣପତି ସାହୁ, ନିରଞ୍ଜନ ମହାପାତ୍ର, ଦୀନବନ୍ଧୁ ରଥ, ମହେଶ୍ୱର ଦଳାଇ, ଦଣ୍ଡପାଣି ମିଶ୍ର, ଭାସ୍କର ପ୍ରସାଦ ରଥ, ବିଶ୍ୱନାଥ ସ୍ୱାଇଁ, ବଳରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମହାମାୟୀ ଅଟୋ ସଂଘ ପରିଚାଳନାରେ ସହଯୋଗ କରିଥିବା ବେଳେ ସଂଯୋଜନା କରିଥିଲେ ବିପିନ ବିହାରୀ ଶତପଥୀ।

### ଚାଷ ଲାଗି ପାଣି ଛାଡ଼ିବାକୁ ଦାବିପତ୍ର

ଶେରଗଡ଼,୧୭।୮(ଡି.ଏନ.ଏ.):ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି. କେ ପାଣ୍ଡିଆନ ସୋମବାର ଶେରଗଡ଼ର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ତାକରଡାଠାରେ ଆଖୁଚାଷି ନେତା ସମୀର ପ୍ରଧାନ ଉକ୍ତ ଗ୍ରାମ ଦେଇ ଯାଇଥିବା ରୁଷିକୁଲ୍ୟା କେନାଲରେ ପାଣି ଛାଡିବାକୁ ଏକ ଦାବିପତ୍ର ପାଣ୍ଡିଆନଙ୍କୁ ପ୍ରଦାନ କରିଛନ୍ତି। ସମୀର ପ୍ରଧାନଙ୍କ ସମେତ ଦୁଇଜଣ ଚାଷି ଶହୀଦ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଚଳିତ ବର୍ଷ କେନାଲରେ ପାଣି ନ ଛାଡିବା ଯୋଗୁ ଚାଷ କାର୍ଯ୍ୟରେ ବାଧକ ସାଜିଛି। ଏଣୁ ଏ ଦିଗରେ ତୁରନ୍ତ ସମାଧନ କରିବାକୁ ସମୀର ଏକ ଦାବିପତ୍ର ପାଣ୍ଡିଆନଙ୍କୁ ପ୍ରଦାନ କରିଥିଲେ। ଏହାକୁ ଗୁରୁତର ସହ ନିଆଯିବ ବୋଲି ପାଣ୍ଡିଆନ କହିଥିଲେ।

### ଜୟଶ୍ରୀ ଏମ୍ପ୍ଲୟିଜ୍ ୟୁନିୟନ ସୀମାଞ୍ଚଳ ହେଲେ ସାଧାରଣ ସମ୍ପାଦକ

ଗଞ୍ଜାମ,୧୭।୮(ଡି.ଏନ୍.ଏ.): ଜୟଶ୍ରୀ କେମିକାଲ୍ସ ଏମ୍ପ୍ଲୟିଜ୍ ୟୁନିୟନର ସାଧାରଣ ସମ୍ପାଦକ ପଦବୀରୁ ପ୍ରଣବ ପ୍ରଧାନଙ୍କୁ ହଟାଇ ସୀମାଞ୍ଚଳ ପଲାଇଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଣବଙ୍କ କାର୍ଯ୍ୟଶୈଳୀରେ ଅତିଷ୍ଠ ହୋଇ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ ଏହି ନିଷ୍ପତ୍ତି ଗ୍ରହଣ କରିଥିଲେ। ଅଗଷ୍ଟ ୧୫ରେ ଏହା ଘୋଷଣା କରାଯାଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଏଲଏମା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଉପସଭାପତି ପ୍ରତାପ ବିଶ୍ୱାଳ ଅଧକ୍ଷତା କରିଥିଲେ। ସଭାପତି ଭାବେ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, କାର୍ଯ୍ୟକାରୀ ସଭାପତି ପ୍ରଣବ କୁମାର ଦାସ, କୋଷାଧକ୍ଷ ଦିଲୀପ କୁମାର ପାତ୍ର ଏବଂ ଉପଦେଷ୍ଟା କୈଳାସ ଚନ୍ଦ୍ର ପଲାଇ ପ୍ରମୁଖ ମନୋନୀତ ହୋଇଛନ୍ତି।

### ରକ୍ଷାବନ୍ଧନ ଉତ୍ସବ

ଆସିକା,୧୭।୮(ଡି.ଏନ.ଏ.): ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶାନ୍ତିଶକ୍ତି ଭବନ ତରଫରୁ ସପ୍ତାହ ବ୍ୟାପି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଗତ ରବିବାରରୁ ଆରମ୍ଭ ହୋଇଛି। ମଙ୍ଗଳବାର ଆସିକା ଏନ୍‌ଏସିର ଖମ୍ବେଶ୍ୱରୀପାଟଣୀସ୍ଥିତ ରାମେଶ୍ୱର ମନ୍ଦିର ପରିସରରେ ଏହି ଉତ୍ସବ ପାଳିତ ହୋଇଥିଲା। ଏଥିରେ ଠେଲା ଗାଡ଼ି ଶ୍ରମିକ ସଂଘର ଶତାଧିକ ସଦସ୍ୟ ଯୋଗଦେଇଥିଲେ। ବ୍ରହ୍ମକୁମାରୀ ପ୍ରଭାତି ପରମାତ୍ମାଙ୍କ ସନ୍ଦେଶ ପ୍ରଦାନ କରିବା ସହ ସମସ୍ତଙ୍କୁ ରକ୍ଷା ସୂତ୍ର ବାନ୍ଧିଥିଲେ। ନାହାତା, ଆମ୍ବପୁଆ, କମାଶାସନ, ହାତିଓଟ ଆଦି ସ୍ଥାନରେ ଭବନ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା ବେଳେ ଆସିକା ସହରର ବ୍ୟାଙ୍କ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ମଧ ଏହା ପାଳନ କରାଯାଇଥିଲା।

### ଚାଷୀ ସମସ୍ୟା ନେଇ ସ୍ମାରକପତ୍ର

ଚିକିଟି,୧୭।୮(ଡି.ଏନ.ଏ.):ଗଞ୍ଜାମ ଜିଲା ଚିକିଟି ଓ ପାତ୍ରପୁର ବ୍ଲକର କୃଷକ ବୃନ୍ଦ ରୁଷିକୂଲ୍ୟା ରୟତ ମହାସଭା ତରଫରୁ ସୋମବାର ଚିକିଟି ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ କୃଷିକାର୍ଯ୍ୟ ସକାଶେ କୋହଳ ନୀତି ଅବଲମ୍ବନ କରୁଥିବା ଯୋଗୁ ଗତ ୨ ବର୍ଷ ହେଲା ମହାମାରୀ ସତ୍ତ୍ୱେ କୃଷକମାନେ କୃଷି କାର୍ଯ୍ୟ କରି ପରିବାର ପରିପୋଷଣ କରିଆସୁଥିଲେ। ବର୍ତ୍ତମାନ ବର୍ଷାର ଅଭାବ ଯୋଗୁ କୃଷକମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହେବାକୁ ଯାଉଛି। ବର୍ଷା ଅଭାବ ଯୋଗୁ ଚଳିତବର୍ଷ ପାତ୍ରପୁର ଓ ଚିକିଟି ବ୍ଲକର ହଜାର ହଜାର ଏକର ଜମି ରୁଆ ନହୋଇ ପଡିଆ ପଡିଛି। ଶତକଡା ୭୫ ଭାଗ ସ୍ଥାନରେ ତଳି ପୋଡି ଗଜା ମରୁଡି ସୃଷ୍ଟି ହେଲାଣି। ମରୁଡି ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତା ଦେବା ସହିତ କ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ମହାସଭା ପାତ୍ରପୁର ଶାଖା ତରଫରୁ ଅନୁରୋଧ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ରୟତ ମହାସଂଘର ଏନ.ଜଗା ରାଓ, ଜି.ବାଲ ରାଜୁ, ତ୍ରିପତି ମହାନ୍ତି, ତ୍ରିଲୋଚନ ପ୍ରଧାନ, ସଂଯୋଜକ ସୀତାରାମ ପ୍ରଧାନ, ସଂଜୟ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଧାନକିଣାରୁ ବାଦ୍ ପଡ଼ିଲେ ୭ ମହିଳା ସଂଘ

ଛତ୍ରପୁର,୧୭।୮(ଡି.ଏନ୍.ଏ.)

୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟରେ ଧାନକିଣାରେ ଅନିୟମିତତା ହୋଇଥିଲା। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅନିୟମିତତା କରିଥିବା ନେଇ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିଲା । ରାଜ୍ୟରେ ୩୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅନିୟମିତାରେ ସମ୍ପୃକ୍ତ ଅଛନ୍ତି। ସେଥିମଧ୍ୟରେ ସମ୍ବଲପୁର ଜିଲାରେ ସର୍ବାଧିକ ୧୨, ଗଞ୍ଜାମର ୭, ଭଦ୍ରକର ୫, ସୁବର୍ଣ୍ଣପୁରର ୪, ବରଗଡର ୩, ଯାଜପୁର ୧ ଓ ନୂଆପଡା ଜିଲାର ଗୋଟିଏ ମହିଳା ସଂଘ ରହିଛି। ଆଗାମୀ ଧାନକିଣାରେ ଏସବୁ ସଂଘ ସାମିଲ ନ ହେବାପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା । ତେଣୁ ଚଳିତବର୍ଷ ଗଞ୍ଜାମ ଜିଲାରେ ୭ ମହିଳା ସଂଘ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିବା ସହ ସେମାନେ ଧାନ କିଣାରେ ସାମିଲ ହେବେ ନାହିଁ । ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଦାୟିତ୍ୱରେ ଥିବା ପୁଷ୍ପା ମୁଣ୍ଡା କହିଛନ୍ତି । ଖରିଫ ଋତୁ ପାଇଁ ଚାଲିଥିବା ଚାଷୀଙ୍କ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ପାଇଛି । ପୂର୍ବରୁ ଚଳିତମାସ ୧୬ ତାରିଖ ଧାର୍ଯ୍ୟ କରାଯାଇଥିଲା। ବହୁ ଚାଷୀ ପଞ୍ଜୀକରଣ କରି ନ ଥିବାରୁ ରାଜ୍ୟ ସରକାର ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଥିବା ବେଳେ ୨୬ ତାରିଖ ମଧ୍ୟରେ କମ୍ପ୍ୟୁଟରରେ ଏଣ୍ଟ୍ରି ସରିବ । ଗଞ୍ଜାମ ଜିଲାରେ ଚଳିତ ବର୍ଷରେ ୩୮୬ଟି ସୋସାଇଟି , ୫୩ଟି ମହିଳା ସଂଘ ଓ ଗୋଟିଏ ପାଣି ପଞ୍ଚାୟତ ଏପରିକି ୪୪୦ ସମିତି ମାଧ୍ୟମରେ ଚାଷୀମାନେ ପଞ୍ଜୀକରଣ କରୁଛନ୍ତି । ଜିଲାରେ ଏ ଯାବତ ୯୬,୩୧୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୪୬୯୯ ଜଣ ଭାଗଚାଷୀ ରହିଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି । ଗତଥର ଜିଲାରେ ୧ ଲକ୍ଷ ୩୯ ହଜାର ୬୪୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ଆହୁରି ୪୩ ହଜାର ୩୩୩ ଜଣ ଚାଷୀ ଏ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିନାହାନ୍ତି । ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୧ ଲକ୍ଷ ୩୯ ହାଜର ୬୪୮ଜଣ ଚାଷୀ ଧାନ ବିକିବା ପାଇଁ ଅନଲାଇନରେ ପଞ୍ଜୀକରଣ କରିଥିବା ବେଳେ ୯୬,୪୭୪ ଚାଷୀଙ୍କଠାରୁ ୪୫ଲକ୍ଷ ୫ହଜାର ୭୩୫.୩୧ କୁଇଣ୍ଟାଲ ଧାନ କିଣାଯାଇଥିଲା ।

# ଅଙ୍ଗନୱାଡି କେନ୍ଦ୍ର କାନ୍ଥରେ ଓଲଟା ଜାତୀୟ ପତାକା

■ତୁରନ୍ତ ସଂଶୋଧନ ହୋଇଛି: ଜିଲାପାଳ
■ଏଣିକି ଚଟାଣରେ ଲେଖାଯିବନି ଅକ୍ଷର



ଓଲଟା ଜାତୀୟ ପତାକା ଚିତ୍ର ଓ ଚଟାଣରେ ଲେଖାଯାଇଥିବା ଅକ୍ଷର।

ଛତ୍ରପୁର,୧୭।୮(ଡି.ଏନ୍.ଏ.)

ଶେରଗଡ ଓ ହିଞ୍ଜିଳି ବ୍ଲକରେ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ସରିଛି । ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଏହି ଦୁଇ ବ୍ଲକକୁ ରବିବାର ଓ ସୋମବାର ୨ ଦିନିଆ ଗସ୍ତରେ ଆସି ସ୍କୁଲ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ହିଞ୍ଜିଳିକାଟୁ ବ୍ଲକର ଏକ ରୂପାନ୍ତରୀକରଣ ହାଇସ୍କୁଲ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ର କାନ୍ଥରେ ଓଲଟା ଜାତୀୟ ପତାକା ଚିତ୍ରିତ ହୋଇଥିବା ଓ ଚଟାଣରେ ଇଂଲିଶ, ଓଡିଆ ଅକ୍ଷର ଏବଂ ବିଭିନ୍ନ ଶବ୍ଦ ଲେଖାଯାଇଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏଥିରେ ସଂଶୋଧନ କରାଯାଇଛି । ଓଲଟା ଜାତୀୟ ପତାକା ଚିତ୍ରକୁ ତୁରନ୍ତ ସଂଶୋଧନ କରି ପୁଣି ଠିକ୍ ଭାବେ ଅଙ୍କାଯାଇଥିବା ସମ୍ବନ୍ଧୀୟ ଏକ ଫଟୋକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଟୁଇଟ୍ କରିଛନ୍ତି । ଏଣିକି କେବଳ କାନ୍ଥରେ ହିଁ ଶବ୍ଦ ଓ ଅକ୍ଷର ଚିତ୍ର ଅଙ୍କାଯିବା ସହ ଏ ସମ୍ବନ୍ଧୀୟ ଟାଇଲ୍ସ ଲଗାଯିବ ବୋଲି ଜିଲାପାଳ ଆଉ ଏକ ଟୁଇଟ୍‌ରେ ଜଣାଇଛନ୍ତି। ଚଟାଣ ବଦଳରେ କାନ୍ଥରେ ଅକ୍ଷର ଓ ଶବ୍ଦ ଲେଖିବା ଏବଂ ଟାଇଲ୍ସ ଲଗାଇବାକୁ କେତେଜଣ ପରାମର୍ଶ ଦେଇଥିବା ଜିଲାପାଳ କହିଛନ୍ତି।

# ଟିପିଏସ୍‌ଓଡିଏଲ୍ ସୁରକ୍ଷା ଅଭ୍ୟାସ କେନ୍ଦ୍ର ଉଦ୍‌ଘାଟିତ

ଭଞ୍ଜନଗର,୧୭।୮(ଡି.ଏନ.ଏ)



ସିଇଓ ଅରବିନ୍ଦ ସିଂ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

ଭଞ୍ଜନଗର ସହର ନିକଟସ୍ଥ ଲାଲସିଂ ବିଦ୍ୟୁତ୍ ସବ୍ ଷ୍ଟେଶନ ପରିସରରେ ମଙ୍ଗଳବାର କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ସୁରକ୍ଷା ଅଭ୍ୟାସ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଟିପିଏସ୍‌ଓଡିଏଲ୍ ସିଇଓ ଅରବିନ୍ଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁରକ୍ଷା ଅଭ୍ୟାସ କେନ୍ଦ୍ରରେ କର୍ମଚାରୀମାନେ ତାଲିମ ନେବାପରେ ଦୁର୍ଘଟଣା ହାର କମିଯିବ। କର୍ମଚାରୀ ସମେତ ଲୋକଙ୍କ ସୁରକ୍ଷା ହେଉଛି କମ୍ପାନୀର ମୁଳ ଲକ୍ଷ୍ୟ । ଶୂନ ଦୁର୍ଘଟଣା ଲକ୍ଷ୍ୟ ନେଇ ପଦକ୍ଷେପ ନିଆଯାଉଛି। ଆଗାମୀ ଦିନରେ ଲକ୍ଷ୍ୟ ସଫଳ ହେବ ବୋଲି ସିଂ କହିଥିଲେ। ଏହି ଅବସରରେ ଧରିତ୍ରୀ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସିଂ କହିଥିଲେ ଗ୍ରାହକମାନଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବା ସହ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଉପରେ ମଧ ଦୃଷ୍ଟି ଦିଆଯାଉଛି । ଆଗକୁ ଆହୁରି ଅନେକ ପଦକ୍ଷେପ ନିଆଯିବ । ଭିତ୍ତିଭୂମି ସୁଦୃଢ଼ କରାଯାଉଛି । ସିସିଏସ୍‌ଇ ସୁରେଶ କ୍ଷେତୱାନି, ମିଲିନ୍ଦ ପ୍ରଭାକର କୁଲକର୍ଣ୍ଣି, ଅଧିକ୍ଷଣଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା, ସୁଶିଲ ପାଣିଗ୍ରାହୀ, ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅଧିକ୍ଷଣଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ମହାପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଆଶିଷ କୁମାର ଜେନା ପ୍ରମୁଖଙ୍କୁ ଉଲ୍ଲେଖନୀୟ ସେବାପାଇଁ ସମ୍ମାନିତ କରାଯାଇଥିଲା। ଏହାପରେ ସିଂ ରାଜସ୍ୱ ବୃଦ୍ଧି କିଭଳି ଘଟିବ ସେ ନେଇ ଅଧିକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଟିପିଏସ୍‌ଓଡିଏଲ ଭିଜିଲାନ୍ସ ସହକାରୀ ନିର୍ବାହୀଯନ୍ତ୍ରୀ ହୃଦୟ ବଲ୍ଲଭ ପ୍ରଧାନ,ଏସ୍‌ଡିଓ ମନୋଜ ସାହୁ, ଯନ୍ତ୍ରୀ ନିରଞ୍ଜନ ବେହେରା, ସୁବାସ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ମେଘଦୂତ ଆପ୍ ଜରିଆରେ ପାଣିପାଗ ସୂଚନା

ଭଞ୍ଜନଗର,୧୭।୮(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡରେ ବର୍ଷା ନାହିଁ। ବର୍ଷା ଅଭାବରୁ ୬୫ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷ ଜମି ପଡ଼ିଆ ପଡ଼ିଛି। ଏହିଭଳି ପରିସ୍ଥିତିରେ ଚାଷୀମାନଙ୍କୁ ପାଣିପାଗ ସମ୍ପର୍କରେ ଆଗୁଆ ସଚେତନତା କରିବା ପାଇଁ ଆଇଏମ୍‌ଡି, ଭୂବିଜ୍ଞାନ ବିଭାଗ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପକ୍ଷରୁ ମିଳିତ ଭାବେ ପଦକ୍ଷେପ ନିଆଯାଇଛି। ମେଘଦୂତ୍ ଆପ୍ ଜରିଆରେ ଚାଷୀମାନେ ୫ଦିନ ଆଗରୁ ପାଣିପାଗ ସମ୍ପର୍କରେ ଜାଣିପାରିବେ। ସର୍ବାଧିକ ତାପମାତ୍ରା, ପବନର ବେଗ, ଆଦ୍ରତା ଏଥିସହ ଚାଷ କାର୍ଯ୍ୟ ଉପରେ ଆଞ୍ଚଳିକ ଭାଷାରେ ମଙ୍ଗଳବାର ଓ ଶୁକ୍ରବାର ଜାଣିପାରିବେ। ଉକ୍ତ ଆପ୍ ଚାଷୀମାନେ ବିନା ମୂଲ୍ୟରେ ମୋବାଇଲରେ ଡାଉନଲୋଡ଼୍ କରିପାରିବେ ବୋଲି ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି ।

## ମିଶନ ଶକ୍ତି ପକ୍ଷରୁ ମେଗା ଋଣମେଳା

ଗୋପାଳପୁର,୧୭।୮(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ସୋମବାର ବ୍ଲକ ସ୍ତରୀୟ ମେଗା ସମନ୍ୱୟ ମେଳା ଅୟୋଜିତ ହୋଇଯାଇଛି। ବ୍ଲକ ସଦଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ବିଡିଓ ପ୍ରସନ୍ନ କୁମାର ପାତ୍ର, ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ କୁମାର ଦାସ, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଓ ୫୫ ନମ୍ବର ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି ଯୋଗ ଦେଇଥିଲେ। ୩୧୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫ କୋଟି ୨୨ ଲକ୍ଷ ୮୭ ହଜାର ଟଙ୍କା ୧୭ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିପିଏମ ଅଜୟ କୁମାର ଦାସ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳେଇ, ବିପିସି ଶ୍ରୀରାମ ପଣ୍ଡା, ବିଏଲସି ଚିତ୍ରସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୱାରେଣ୍ଟ ବଳରେ ୧୦ ଗିରଫ

ପୁରୁଷୋତ୍ତମପୁର,୧୭।୮(ଡି.ଏନ.ଏ.)

ପୁରୁଷୋତ୍ତମପୁର ପୋଲିସ ୱାରେଣ୍ଟ ବଳରେ ମଙ୍ଗଳବାର ଦୁଇ ମହିଳା ସମେତ ୧୦ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ସମେତ ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ଚଢାଉ କରି ବିଭିନ୍ନ ମାମଲାରେ ଜଡିତ ଥିବା ବ୍ୟକ୍ତିମାନଙ୍କ ନାମରେ ୱାରେଣ୍ଟ ରହିଥିବାରୁ ସେମାନଙ୍କୁ ଗିରଫ କରିଛନ୍ତି।

# ଦଶଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍

ଧରାକୋଟ,୧୭।୮(ଡି.ଏନ୍.ଏ.)


ଭାଙ୍ଗିଯାଇଥିବା ପାଇପ୍ ଲାଇନ୍ ।

ଧରାକୋଟ ବ୍ଲକ ସଦର ମହକୁମାରେ ୧୦ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ ହୋଇଯାଇଛି। ପାଣି ନ ମଳିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଦର ମହକୁମାରେ ରହିଛି ଦଶରୁ ଅଧିକ ସରକାରୀ କାର୍ଯ୍ୟାଳୟ। ଦୀର୍ଘ ୪୦ ବର୍ଷ ଧରି ରଷିକୂଲ୍ୟା ନଦୀରୁ ପାଇପ ଯୋଗେ ପାନୀୟ ଜଳ ସହରବସୀଙ୍କୁ ସରକାର ଯୋଗାଇ ଦେଉଥିଲେ। ଏହି ପ୍ରକଳ୍ପ ପୁରୁଣା ଅବସ୍ଥାରେ ପହଞ୍ଚିଛି। ଫଳରେ ଏଥିରେ ନାନା ତ୍ରୁଟି ଦେଖାଦେଉଛି। ଏଣୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ତରଫରୁ ଏକ ଗଭୀର କୂପ ୪୦ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଛି। ଏଥିରେ ୧୭ଏମ୍‌ପି ମୋଟର ଲଗାଯାଇଛି। କିନ୍ତୁ ୪୪୦ ୱାଟ ବଦଳରେ ୩୧୦ ୱାଟ କରେଣ୍ଟ ଯୋଗାଣ ହେଉଥିବାରୁ ଏହା ଠିକ୍ ରୂପେ କାମ କରିପାରିନାହିଁ। ବର୍ତ୍ତମାନ ଭଞ୍ଜନଗରର ପିତ୍ତଖୁଡି ରଷିକୂଲ୍ୟା କେନାଲ ଉପରେ ଥିବା ପୁରୁଣା ସେତୁକୁ ଭାଙ୍ଗି ନୂତନ ସେତୁ ନିର୍ମାଣ ପାଇଁ ଟେଣ୍ଡର କାମ ସାରିଛନ୍ତି। ଫଳରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ସେତୁ ଉପରେ ଥିବା ପାଇପ ଲାଇନକୁ କେନାଲ ମଧ୍ୟ ଭାଗରେ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ଏହି ପାଇପ ଲାଇନ କେନାଲ ମଧ୍ୟରେ ଫାଟି ଯାଇଛି। ମୌସୁମୀ ଓ ଲଘୁ ଚାପ ଜନିତ ବର୍ଷାର ଅଭାବ ଯୋଗୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜଳ ସେଚନ ବିଭାଗ ତରଫରୁ ଜନବିଲିଠାରୁ ଦକ୍ଷିଣପୁର ପର୍ଯ୍ୟନ୍ତ ଲମ୍ବି ଥିବା ରଷିକୂଲ୍ୟା ମୁଖ୍ୟ କେନାଲରେ ସେଚ କାର୍ଯ୍ୟ ପାଇଁ ପ୍ରାୟ ୧୫ ଫୁଟ ଜଳ ଛଡାଯାଇଛି। କିନ୍ତୁ କେନାଲ ମଧ୍ୟରେ ଫାଟି ଥିବା ପାଇପକୁ ମରାମତି କରାଯାଉନାହିଁ। ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଏସ୍‌ଇଙ୍କୁ ପଚାରିବାରୁ ଜଳ ସେଚନ ବିଭାଗ ଭଞ୍ଜନଗର ଗୋଟେ ଦିନ ପାଣି କେନାଲରେ ବନ୍ଦ ରଖିଲେ ମରାମତି କାମ ହୋଇଯିବ ଏବଂ ଧରାକୋଟକୁ ପିଇବା ପାଣି ଯୋଗାଣ ସମ୍ଭବ ହେବ ବୋଲି କହିଛନ୍ତି। ତେବେ ଗଞ୍ଜାମ ଜିଲାପାଳ, ୫ଟି ସଚିବେ ଏଥିପ୍ରତି ଶୀଘ୍ର ପଦକ୍ଷେପ ନେବାକୁ ଲୋକେ ଦାବି କରିବା ସହ ଗଭୀର କୂପକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ସଚଳ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨ ଅଙ୍ଗନୱାଡି ସହାୟିକାଙ୍କୁ ପୁନଃ ନିଯୁକ୍ତି ଦାବି

ବୁଗୁଡ଼ା,୧୭।୮(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ୨ ଅଙ୍ଗନୱାଡି କେନ୍ଦ୍ରର ସହାୟିକା କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ସହ ଅନ୍ୟାନ୍ୟ ଦାବି ପୂରଣ କରିବାକୁ ସ୍ଥାନୀୟ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଡିପିଓଙ୍କୁ ସୋମବାର ଏକ ଅଭିଯୋଗ ପତ୍ର ଦିଆଯାଇଛି। ଏହି ଅଭିଯୋଗ ପତ୍ର ସ୍ଥାନୀୟ ବ୍ଲକ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ତରଫରୁ ପ୍ରଦାନ କରାଯାଇଛି। ବ୍ଲକ ମାଣିତରା ୪ କେନ୍ଦ୍ରର ସହାୟିକା କର୍ମୀ ତନୁ ସ୍ୱାଇଁ ଓ ଦଦରାଖୋଲ କେନ୍ଦ୍ରର ସହାୟିକା କର୍ମୀ ଦେବକୀ ରାଉତଙ୍କୁ ସେମାନଙ୍କର ଅବସର ନେବାର କାର୍ଯ୍ୟକାଳ ପୁରିନଥିଲେ ମଧ ସେମାନଙ୍କୁ ସିଡିପିଓଙ୍କ ତରଫରୁ ଅବସର ଆଦେଶ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ବେନିୟମ ଏବଂ ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯିବା ପାଇଁ ସମ୍ପୃକ୍ତ ସଂଘ ତରଫରୁ ସଭାପତି ବାସନ୍ତୀ ପ୍ରଧାନ ଓ ସମ୍ପାଦକ ଅନିତା ମିଶ୍ର ପ୍ରମୁଖ ସିଡିପିଓଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ମମତା ହିତାଧିକାରୀଙ୍କ ପଞ୍ଜିକରଣ ପାଇଁ କାର୍ଯ୍ୟାଳୟ ତରଫରୁ ଡାଟା ପ୍ୟାକ୍ ପ୍ରଦାନ, ବେଲପଡ଼ା କେନ୍ଦ୍ରର ସହାୟିକାଙ୍କୁ ଅଙ୍ଗନୱାଡି କର୍ମୀ ରୂପେ ପଦୋନ୍ନତି ପ୍ରଦାନ, କାର୍ଯ୍ୟାଳୟ ତରଫରୁ କେନ୍ଦ୍ରକୁ ଆସୁଥିବା କଣ୍ଟିଜେଣ୍ଟ ଟଙ୍କା କର୍ମୀଙ୍କ ପାସବୁକକୁ ପଠାଇବା, ଶିଶୁମାନଙ୍କୁ ପୋଷାକ ଯୋଗାଇବା ଓ କାର୍ଯ୍ୟାଳୟରୁ କର୍ମୀଙ୍କ ପାସବୁକକୁ ଆସୁଥିବା ଟଙ୍କାର ସବିଶେଷ ବିବରଣୀ ପ୍ରଦାନ ଆଦି ନେଇ ସଂଘ ତରଫରୁ ଦାବି କରାଯାଇଛି। ସାତଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ସଂଘ ଆନ୍ଦୋଳନ କରିବାକୁ ମଧ ଚେତାବନୀ ଦେଇଛି।

# ସମ୍ମାନିତ ହେଲେ ସାମାଜିକ କର୍ମୀ ସତ୍ୟନାରାୟଣ

ଆସିକା,୧୭।୮(ଡି.ଏନ.ଏ.)

ଆସିକା ଏନ୍‌ଏସି ହରିହର ନଗରର ବରିଷ୍ଠ ଯୁବ ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁଙ୍କୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। କରୋନା ଭୟବହତା ପରିସ୍ଥିତିରେ ସ୍ୱାଇଁ ଜନସାଧାରଣଙ୍କ ପାଇଁ ସମର୍ପିତ ସେବା ଓ ସହଯୋଗ ସ୍ୱୀକୃତି ପୂର୍ବକ ଛତ୍ରପୁରଠାରେ ଅନୁଷ୍ଠିତ ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ରେ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଉପସ୍ଥିତରେ ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଇଁଙ୍କ ଏହି ସମ୍ମାନ ଲାଗି ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକ ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପିତ ନଚିକେତା ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ବାରିକୁମ୍ପା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ


ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଡାକ୍ତର, କର୍ମଚାରୀ।

ବଲସକୁମ୍ପା/ଖଜୁରିପଡ଼ା, ୧୭।୮(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ବାରିକୁମ୍ପା ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରବିବାର ସ୍ୱାଧିନତା ଦିବସ ପାଳନ ପରେ ମେଡିକାଲ ପରିସର ଚତୁପାର୍ଶ୍ୱ ଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ସଫେଇ କାର୍ଯ୍ୟ କରାଯାଇଥିଲା। ସ୍ୱଚ୍ଛ ପରିମଳ, ସୁସ୍ଥ ସମାଜ ଗଠନ ପାଇଁ ସୁସ୍ଥ ପରିବେଶ ଓ ସଫା ସୁତୁରା ରଖିବା ପାଇଁ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ସହିତ ମେଡିକାଲର ଡ.ପୀୟୂଷ ମୋହନ ସାମଲ, ଆୟୁଷ ଡାକ୍ତର ପଞ୍ଚଶିଳା ଦାସ, ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ, କର୍ମଚାରୀ ଚନ୍ଦ୍ରମଣି ସାହୁ ଓ ସବିତା ଦିଗାଲ ପ୍ରମୁଖ ସହଯୋଗ କରି ମେଡିକାଲ ସଫେଇ କରିଥିଲେ।

# ଅଭିଶପ୍ତ ଜୀବନ ବିତାଉଛନ୍ତି କୁମୁଟିପଙ୍କାଳବାସୀ

ପାରଳାଖେମୁଣ୍ଡି,୧୭।୮(ଡି.ଏନ୍.ଏ.)


ବିପର୍ଯ୍ୟସ୍ତ ରାସ୍ତା ।

ଗଜପତି ଜିଲା ଉଦୟଗିରି ବ୍ଲକ ପୁରୁଣାପାଣି ପଞ୍ଚାୟତର କୁମୁଟିପଙ୍କାଳ ଗ୍ରାମରେ ବିକାଶ ସମ୍ପୂର୍ଣ୍ଣ ଭାବେ ଅପହଞ୍ଚ। ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ବର୍ଷ ବର୍ଷ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ହେଉନାହିଁ। ଗଞ୍ଜାମ-ଗଜପତି ଜିଲା ସୀମାନ୍ତରେ ବୃଷା ଓ ବାଗଦେଇ ପାହାଡ଼ ଘେରରେ ରହିଛି କୁମୁଟିପଙ୍କାଳ ଗ୍ରାମ। ୨୬ ଆଦିବାସୀ ପରିବାରର ୧୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ଗାଁରେ ବସବାସ କରନ୍ତି। ବର୍ଷ ବର୍ଷ ଧରି ଗ୍ରାମବାସୀ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ୍ ଆଲୋକ ଭଳି ବିଭିନ୍ନ ମୌଳିକ ସବୁଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ନିରକ୍ଷରତାର ସୁଯୋଗ ନେଇ ଏଠାକାର ବିକାଶ କ୍ଷେତ୍ରରେ ବ୍ଲକ ଓ ଜିଲା ପ୍ରଶାସନଠାରୁ ଆରମ୍ଭ କରି ନିର୍ବାଚିତ ଜନ ପ୍ରତିନିଧିମାନେ ଭୁଆଁ ବୁଲାଇ ଚାଲାଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ଭଲ ରାସ୍ତା ନାହିଁ। ପାଦଚଲା ଅବାଟ ରାସ୍ତା ଏମିତି ଶୋଚନୀୟ ଅବସ୍ଥାରେ ରହିଛି ଯେ, ଥରେ ବର୍ଷା ହେଲେ ୩/୪ ଦିନ ପର୍ଯ୍ୟନ୍ତ ସେହି ରାସ୍ତା ଦେଇ ଯାତାୟାତ ଅସମ୍ଭବ। ବହୁବାର ଏଠାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି ହୋଇଥିଲେ ହେଁ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପାନୀୟଜଳ ପାଇଁ ରହିଥିବା ୪ ନଳକୂପ ମଧ୍ୟରୁ ୨ଟି ଦୀର୍ଘବର୍ଷ ହେଲା ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ୨ରେ ବହୁ କଷ୍ଟରେ ପାଣି ଆସୁଛି। ଗ୍ରାମରେ କୂଅ, ପୋଖରୀ ନାହିଁ। ଫଳରେ ଟୋପାଏ ପାଣି ପାଇଁ ମହିଳାମାନେ ଗ୍ରାମଠାରୁ ଦୀର୍ଘ ଦେଢ କିମି ଦୂରରେ ଥିବା ମଦଗଡା ପାହାଡ଼ ଚଢି ଏକ ପଥର କୋରଡରୁ ପାଣି ଆଣୁଛନ୍ତି। ତେବେ ଗ୍ରାମରେ ୮ ଇଞ୍ଚିଆ ବୋର-ୱେଲ ଖୋଳାଇ ତାଦ୍ୱାରା ପାନୀୟଜଳ ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୁମୁଟିପଙ୍କାଳରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସବୁ ଦିନପାଇଁ ବିପର୍ଯ୍ୟସ୍ତ ଓ ହୋଇପଡିଛି। ଯାହାକି ଗ୍ରାମରେ ଜଣେ ହେଲେ ମଧ ଲେଖାପଢ଼ା ଜାଣି ନାହାନ୍ତି। ବିଦ୍ୟୁତ୍ ଆଲୋକ କହିଲେ ଏଠାରେ ସୋଲାର ଲାଇଟ ସିଷ୍ଟମ ସମସ୍ତଙ୍କ ଘରେ ଯୋଗାଇ ଦିଆଯାଇଛି । ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ରୋଗୀକୁ ଖଟ କିମ୍ବା ଅନ୍ୟ ଉପାୟରେ ବୋହିନେଇ ଗଞ୍ଜାମ ଜିଲାର ଡେଙ୍ଗାଓସ୍ତା ନଚେତ ବଡ ସାମନ୍ତରା ପୁର ସ୍ଥିତ ଡାକ୍ତରଖାନାରେ ପହଞ୍ଚାଇ ଥାଆନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ପଚାରିବାରୁ ଉପରୋକ୍ତ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ଦିଗରେ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

